## ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଉନ୍ନୟନ କମିଶନର୍,
## ଓଡିଶା ସରକାର, ଭୁବନେଶ୍ୱର

**ଅଜିତ୍ କୁମାର ତ୍ରିପାଠୀ, ଆଇ.ଏ.ଏସ୍.**

**ପତ୍ରସଂଖ୍ୟା- No.LD-60/2007- 34284/ CS (R&DM), Bhubanswar, Dated the 12th August, 2008**

**ପ୍ରାପ୍ତେଷୁ,**
**ସମସ୍ତ ଜିଲ୍ଲାପାଳ**

**ବିଷୟ- 'ମୋ ଜମି – ମୋ ଡିହ' ଅଭିଯାନକୁ ଚାଲୁ ରଖିବା**

ମହାଶୟ,

ଆପଣ ଅବଗତ ଥିବେ ଯେ, 'ମୋ ଜମି – ମୋ ଡିହ' ଅଭିଯାନ ସରକାରଙ୍କ ଦ୍ୱାରା ବର୍ତ୍ତମାନ ପ୍ରଚଳିତ ଥିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ମୁଁ ସମୀକ୍ଷା କଲାବେଳେ ଏହାର କେତେକ ଅଭାବ ମୋର ଦୃଷ୍ଟିଗୋଚର ହୋଇଛି ଏବଂ ସେହି କାରଣରୁ ବର୍ତ୍ତମାନ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଜାରି କରାଯାଉଛି ।

କ୍ଷେତ୍ରୀୟ ସ୍ତରରେ ଏହାର କାର୍ଯ୍ୟକାରିତା ଉପରେ ଅଧିକ ଧ୍ୟାନ ଦେବା ତଥା ବଳିଷ୍ଠ ତଦାରଖ ବ୍ୟବସ୍ଥା ପାଇଁ ଆପଣଙ୍କୁ ଏତଦ୍ୱାରା ନିର୍ଦ୍ଦେଶ ଦିଆଯାଉଛି । ଗତବର୍ଷ ଜାରି କରାଯାଇଥିବା ତଥା ବର୍ତ୍ତମାନ ପ୍ରଚଳିତ ଥିବା ନିର୍ଦ୍ଦେଶାବଳୀକୁ ନୀତିନିଷ୍ଠ ଭାବେ ପାଳନ କରିବା ସହିତ ନିମ୍ନୋକ୍ତ ବିଷୟଗୁଡିକ ଉପରେ ସୁନିଶ୍ଚିତ ପଦକ୍ଷେପ ନେବା ପାଇଁ ଆପଣଙ୍କୁ ଏତଦ୍ୱାରା ବିଶେଷ ଭାବେ ନିର୍ଦ୍ଦେଶ ଦିଅଅଯାଉଛି ।

୧. ଆବଣ୍ଟିତ ହୋଇଥିବା ଭୂଦାନ ଜମିସମୂହ ତଥା ତାହାଁର ଦଖଲ ସ୍ଥିତିକୁ ଯାଞ୍ଚ କରିବା ଏହି ଅଭିଯାନର ଅଂଶବିଶେଷ ରୂପେ ପରିଗଣିତ ହେବା ଏବଂ ଏହା ଉପରେ ଅଗ୍ରାଧିକାର ପ୍ରଦାନ କରିବା ବାଂଛନୀୟ ।

୨. ସେପ୍ଟେମ୍ବରର ପ୍ରଥମାର୍ଦ୍ଧରେ ଚଳିତ ବର୍ଷର ମେଳାଗୁଡିକୁ ଆପଣ ଆରମ୍ଭ କରିଦେବା ଉଚିତ୍ । କ୍ଷେତରେ ଫସଲ ଥିବା ବେଳେ ସମସ୍ତ କ୍ଷେତ୍ରସ୍ତରୀୟ ଯାଞ୍ଚକାର୍ଯ୍ୟ ସମାପିତ ହେବା ଉଚିତ୍ ।

୩. ଯେଉଁସବୁ କ୍ଷେତ୍ରରେ ଜମି ଆବଣ୍ଟନର ହିତାଧିକାରୀମାନେ ସଂପୃକ୍ତ ଜମିକୁ ଦଖଲ କରି ପାରିନାହାନ୍ତି, ସେପରି ସ୍ଥଳେ ଉପଯୁକ୍ତ ଅନୁସନ୍ଧାନ ଓ ସଂଶୋଧନମୂଳକ ପଦକ୍ଷେପମାନ ନେବା ପରେ ଦଖଲ ହସ୍ତାନ୍ତର ପାଇଁ ଦ୍ୱିତୀୟ ପର୍ଯ୍ୟାୟର ମେଳାମାନ ସାରା ରାଜ୍ୟରେ ଡିସେମ୍ବର ପ୍ରଥମ ସପ୍ତାହରେ ଆରମ୍ଭ କରିଦେବା ଉଚିତ୍ ।

୪. ରାଜସ୍ୱ ବିଭାଗର ପରିପତ୍ର ସଂଖ୍ୟା ୨୮୭୩୩ ତା ୩.୭.୨୦୦୮ ଅନୁଯାୟୀ ବସୁନ୍ଧରା କାର୍ଯ୍ୟକ୍ରମ ଅଧୀନରେ ଗ୍ରାମାଞ୍ଚଳରେ ୧୦ ଡିସିମିଲ୍ ପର୍ଯ୍ୟନ୍ତ ଘରଡିହ ଜମି ପାଇଁ ନୂଆ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ପାରେ । ଆଇ.ଇ.ସି. (ସୂଚନା, ଶିକ୍ଷଣ ଓ ପ୍ରସାରଣ) ଅଭିଯାନ ମାଧ୍ୟମରେ ପ୍ରତି ମେଳା ଅନୁଷ୍ଠିତ ହେବା ପୂର୍ବରୁ ପର୍ଯ୍ୟାପ୍ତ ପ୍ରଚାରକାର୍ଯ୍ୟ ଆୟୋଜନ କରିବା ବିଧେୟ ।

୫. ମେଳା ଚାଲୁଥିବା ସମୟରେ ଯଦି ଅନ୍ୟ କୌଣସି ନୂଆ କେଶ୍ ଦୃଷ୍ଟିଗୋଚର ହୁଏ, ତେବେ ସେଗୁଡିକୁ ଓ.ପି.ଏଲ୍.ଇ. ଆଇନ୍ ଏବଂ ଓ.ଜି.ଏଲ୍.ଏସ୍. ଆଇନ୍‌ର ବ୍ୟବସ୍ଥାଗୁଡିକ ଅନୁଯାୟୀ ବିଚାର କରାଯିବା ଉଚିତ୍ ।

୬. ବିଶେଷ କରି ଅନୁସୂଚୀତ ଇଲାକାମାନଙ୍କରେ ଯୋଗ୍ୟ ବିବେଚିତ ଏସ.ଟି. ହିତାଧିକାରୀମାନଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ସେମାନଙ୍କୁ କୃଷି ଓ ଘରଡିହ ଜମି ଲିଜ୍ ସୂତ୍ରରେ ଯୋଗାଇ ଦେବା ପାଇଁ ନୂତନ ପଦକ୍ଷେପ ନିଆଯାଇ ପାରେ ।

୭. ରାଜ୍ୟର ଅନୁସୂଚୀତ ଇଲାକାମାନଙ୍କରେ ରେଗୁଲେସନ୍-୨, ୧୯୫୬କୁ କଡାକଡି ଭାବେ କାର୍ଯ୍ୟକାରୀ କରାଯିବା ଉଚିତ୍ । ସୂଚୀତ ରେଗୁଲେସନ୍‌ର ଧାରା ୩ବି (୨) ଓ ଧାରା ୩ବି (୩) ଅଧୀନରେ ଥିବା ବ୍ୟବସ୍ଥାଗୁଡିକ ପ୍ରତି ଏତଦ୍ୱାରା ବିଶେଷ ଭାବେ ଆପଣଙ୍କର ଧ୍ୟାନ ଆକର୍ଷଣ କରାଯାଉଛି ।

୮. ବିଭିନ୍ନ ପର୍ଯ୍ୟାୟରେ ଅଟକି ରହିଥିବା ସମସ୍ତ ବକେୟା ସିଲିଂ କେଶ୍‌ଗୁଡିକ ଭିତରୁ ପ୍ରତି କେଶ୍‌କୁ ସମୀକ୍ଷା କରାଯିବା ଉଚିତ୍ ଏବଂ ଆବଶ୍ୟକ ମୁତାବକ ମଧ୍ୟବର୍ତ୍ତୀ କାଳୀନ ଆଦେଶଗୁଡିକର ପ୍ରତ୍ୟାହାର, ପୁନର୍ବାର କାଉଣ୍ଟର୍ ଆଫିଡେଭିଟ୍ ଦାଖଲ, ତୁରନ୍ତ ଶୁଣାଣି ପାଇଁ ଆବେଦନ ଦାଖଲ, ଅପିଲ୍ ଦାଖଲ ଇତ୍ୟାଦି ପାଇଁ କାନୁନୀ ପଦକ୍ଷେପମାନ ନିଆଯିବା ଉଚିତ୍ ।

୯. ଯେଉଁମାନଙ୍କୁ ଜମି ଆବଣ୍ଟିତ ହୋଇଛି, ସେମାନଙ୍କ ଦ୍ୱାରା ସଂପୃକ୍ତ ଜମିର ଦଖଲକୁ ବାଧାଗ୍ରସ୍ଥ କରୁଥିବା ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯେଉଁ ନିର୍ଦ୍ଦେଶ ଜାରି କରାଯାଇଥିଲା, ସେଥିପ୍ରତି ଧ୍ୟାନ ଦିଆଯିବା ଉଚିତ୍ ।

ଉପରୋକ୍ତ ବିଷୟ ଉପରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗକୁ ମାସିକ ଅଗ୍ରଗତି ବିବରଣୀ ମାଧ୍ୟମରେ ନିଶ୍ଚିତ ଭାବେ ରିପୋର୍ଟ ଦାଖଲ କରାଯିବା ଆବଶ୍ୟକ । ଆପଣ ମଧ୍ୟ କାର୍ଯ୍ୟାନ୍ୱୟନକୁ ଅନୁଧ୍ୟାନ କରିବା ତଥା ନୀତି-ଗ୍ରହଣ କ୍ଷେତ୍ରରେ ସ୍ଥିତିକୁ ସୁଧାରିବା ଉଦ୍ଦେଶ୍ୟରେ ଗଠନମୂଳକ ପରାମର୍ଶମାନ ଦାଖଲ କରିବା ଉଚିତ୍ ।

**ଆପଣଙ୍କର ବିଶ୍ୱସ୍ତ,**

**ସ୍ୱା/ ମୁଖ୍ୟ ଶାସନ ସଚିବ, ଓଡିଶା**

ମେମୋ ସଂଖ୍ୟା- ୩୪୨୮୫/ଆର୍. ଏଣ୍ଡ ଡି.ଏମ୍. ତା ୧୨.୮.୨୦୦୮- ଏହାର ଏକକିତା ନକଲ ସଭ୍ୟ, ରାଜସ୍ୱ ପରିଷଦ, କଟକଙ୍କ ଅବଗତି ପାଇଁ ପ୍ରେରଣ କରାଗଲା ।

**ସ୍ୱା- ସରକାରଙ୍କ କମିଶନର୍ ଓ ସଚିବ ତା ୧୨.୦୮.୨୦୦୮**

ମେମୋ ସଂଖ୍ୟା- ୩୪୨୮୬/ଆର୍. ଏଣ୍ଡ ଡି.ଏମ୍. ତା ୧୨.୮.୨୦୦୮- ଏହାର ଏକକିତା ନକଲ ସଭ୍ୟ, ଆର୍.ଡି.ସି. (ସି.ଡି.) କଟକ / ଆର୍.ଡି.ସି. (ଏନ୍.ଡି.), ସମ୍ବଲପୁର/ ଆର୍.ଡି.ସି. (ଏସ୍.ଡି.) ବ୍ରହ୍ମପୁରଙ୍କ ଅବଗତି ପାଇଁ ପ୍ରେରଣ କରାଗଲା ।

**ସ୍ୱା- ସରକାରଙ୍କ କମିଶନର୍ ଓ ସଚିବ, ତା ୧୨.୦୮.୨୦୦୮**